## ସଂକ୍ଷେପରେ

### ଚୋରି ମାମଲାରେ ୨ ଗିରଫ

ଜୟପୁର,୨୨।୨(ପବନ ପାଣିଗ୍ରାହୀ)

ଚୋରି ମାମଲାରେ ୨ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ କୁନ୍ଦାରିଗୁଡା ସୁଇଫର କୋଲନୀର ନିଖିଲ ଆକୋଜି(୨୫) ଓ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ବି.ସାଇରାମ(୪୪)। ଜୟପୁର ପାରାବେଡାର ଗୌଡ ଭତ୍ରାଙ୍କ ଘରେ ଦୁର୍ବୃତ୍ତମାନେ ପଶି ଗ୍ୟାସ ଷ୍ଟୋଭ ସହ ଲୁହା ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ଗୌଡ ଫେବୃଆରୀ ୨୦ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୫୫/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରି ସାମଗ୍ରୀକୁ ଲକ୍ଷ୍ମୀ ପଣ୍ଡା ଛକସ୍ଥିତ ସ୍କ୍ରାପ ଦୋକାନରେ ବିକ୍ରି କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିଲେ। ପୋଲିସ ସ୍କ୍ରାପ ଦୋକାନରେ ଚଢାଉ କରି ଚୋରି ସାମଗ୍ରୀ ଜବତ କରିଥିଲା। ଲୁହା ଗ୍ୟାସ ଷ୍ଟୋଭ, ପ୍ରେସର କୁକର, ସହ ବସନ କୁଶନ ଜବତ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ଅନୈତିକ କାର୍ଯ୍ୟ ଚାଲିଥିବା ବେଳେ ଚଢାଉ,୪ ଗିରଫ

ଜୟପୁର,୨୨।୨(ପବନ ପାଣିଗ୍ରାହୀ)- ଜୟପୁର ସଦର ଥାନା ବଙ୍ଗଳାବଡରେ ଅନୈତିକ କାର୍ଯ୍ୟ ଚାଲୁଥିବା ବେଳେ ସଦର ପୋଲିସ ଚଢ଼ାଉ କରିଛି। ଜଣେ ମହିଳା ଅଭିଯୁକ୍ତ ସହ ୪ ଗିରଫ। ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗର ରବିନ୍ଦ୍ର ନାଥ ମଣ୍ଡଳ(୩୪), କୁନ୍ଦୁରା ଥାନା ଘିଉରିଗାଗୁଡା ମାନସିଂ ଘିଉରିଆ(୩୩), ମାଲକାନଗିରି ଜିଲା ଏମ୍‌ଭି-୭୯ର ବିଲୁ ସଗରିଆ(୩୪)ଙ୍କ ସହ ଜଣେ ମହିଳା। ଘଟଣାସ୍ଥଳରୁ ବହୁ ଆପତ୍ତିଜନକ ସାମଗ୍ରୀ, ଔଷଧ,୫ଟି ସ୍ମାର୍ଟ ଫୋନ, ୨୯୦୦ଟଙ୍କା ଓ ଏଟିଏମ୍ କାର୍ଡ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ ଗତ ୨୧ ତାରିଖରେ ଜୟପୁର ସଦର ପୋଲିସ କଳାଗୁଡା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବଙ୍ଗଳାବଡରେ ଅନୈତିକ କାର୍ଯ୍ୟ ଚାଲୁଥିବା ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ଚଢ଼ାଇ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ପୋଲିସ ୬୦/୨୫ ରେ ମାମଲା ରୁଜୁ କରିଛି। ଅଭିଯୁକ୍ତମାନଙ୍କୁ ଶନିବାର ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ରମାକାନ୍ତ ସାଏ ଉମରକୋଟ ନୂତନ ଆଇଆଇସି

ଉମରକୋଟ, ୨୨।୨ (ସନ୍ତୋଷ ଶତପଥୀ)



ନବରଙ୍ଗପୁର ଜିଲାର ଉମରକୋଟ ଥାନାରେ ନୂତନ ଆଇଆଇସି ଭାବେ ରମାକାନ୍ତ ସାଏ ଯୋଗ ଦେଇଛନ୍ତି। ସେ ଏଥି ପୂର୍ବରୁ କେଉଁଝର ଜିଲାର ଘଷିପୁରା ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ନୂତନ ଆଇଆଇସିଙ୍କୁ ଉମରକୋଟ ଥାନା କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସହରର ଅବ୍ୟବସ୍ଥା ଟ୍ରାଫିକ ସମସ୍ୟାରେ ସୁଧାର ସହ ଚୋରି ରୋକିବାକୁ ପାଟ୍ରୋଲିଂ କଡ଼ାକଡ଼ି କରାଯିବ। ଏହା ସହ ସହରରେ ସମସ୍ତ ସି ସି କ୍ୟାମେରାର ମରାମତି କରିବା ପାଇଁ ପଦକ୍ଷେପ ନିଆଯିବା ସହ ଲୋକେ ଯେପରି ଉଚିତ ନ୍ୟାୟ ପାଇବେ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ନୂତନ ଆଇଆଇସି କହିଛନ୍ତି। ସୂଚନା ଅନୁଯାୟୀ ଉମରକୋଟ ଥାନାରେ ୨ମାସ ହେବ ଏହି ପଦବୀ ଖାଲି ପଡ଼ିଥିଲା। ଏସ୍‌ଆଇ ଶିବଜୀ ପଣ୍ଡା ଆଇଆଇସି ଦାୟିତ୍ୱରେ ରହିଥିଲେ।

# ନାବାଳିକା ଭାବି ବାହାଘର ପୂର୍ବରୁ କନ୍ୟାଙ୍କୁ ଉଠାଇ ନେଲା ପ୍ରଶାସନ

ସୁନାବେଡ଼ା/ସେମିଳିଗୁଡା,୨୨।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)



Schedule XXX-Form No. 7

FORM NO. 7
( See Rule 8 )
BIRTH CERTIFICATE
( Issued Under Section 17 )

This is to certify that the following information has been taken from the original record of birth, which is the register for (local area) THE YEAR 2006 CHC KUNDULI of Tahsil SEMILIGUDA of District KORAPUT of State of Orissa.

Name: SABITRI MAJHI
Name of Mother: LALITA
Sex: FEMALE
Permanent Address of parents: AT BADA MARLA PO KHUDI KORAPUT
Date of Birth: 14-4-2006
Place of Birth: BADAMARLA
Registration No.: 558/2006
Name of Father: JAGANATH MAJHI
Date of Registration: 20-4-2006

Date: 6/5/2013

ସାବିତ୍ରୀଙ୍କ ଜନ୍ମ ସାର୍ଟିଫିକେଟ୍।

ବାଲ୍ୟ ବିବାହ ହେଉଥିବା ଖବର ପାଇ ଗାଁରେ ପହଞ୍ଚିଥିଲା ପ୍ରଶାସନ। ବିନା ଯାଞ୍ଚରେ ମା'ବାପାଙ୍କ ଅନୁପସ୍ଥିତିରେ ବଡ଼ମାର୍ଲା ଗ୍ରାମର ଜଗନ୍ନାଥ ମାଝିଙ୍କ ଝିଅ ସାବିତ୍ରୀଙ୍କୁ ନାବାଳିକା ଭାବି ବିବାହ ପୂର୍ବଦିନ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ସୁପରଭାଇଜର ଶୁକ୍ରବାର ଉଠାଇନେଇଥିଲେ। ଏହାପରେ ଡିସିପିଓ ରାଜଶ୍ରୀ ଦାସ ତାଙ୍କୁ ସିଡବ୍ଲ୍ୟୁସି କାର୍ଯ୍ୟାଳୟକୁ ନେଇଯାଇଥିଲେ। ଏ ନେଇ ବାପା ଜଗନ୍ନାଥ ଶିଶୁ ସୁରକ୍ଷା ଅଧିକାରୀ, ପଟ୍ଟାଙ୍ଗି ଥାନା ଓ କୋରାପୁଟ ସିଡବ୍ଲ୍ୟୁସି କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ଜନ୍ମ ଓ ସ୍କୁଲ ସାର୍ଟିଫିକେଟ୍ ଯାଞ୍ଚ ପରେ ସାବିତ୍ରୀ ସାବାଳିକା ଥିବା ଜଣାପଡ଼ିବା ପରେ ଶନିବାର ତାଙ୍କୁ ବାପାଙ୍କ ସହ ଛଡ଼ାଯାଇଥିଲା। ଏହାକୁ ନେଇ ଜଗନ୍ନାଥ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରଶାସନର ଏପରି କାର୍ଯ୍ୟ ଦ୍ୱାରା ବାହାଘର ଖୁସି ମଉଳିଗଲା ଓ ମାନସିକ ଚାପରେ ଅଛନ୍ତି ବୋଲି ସେ କହିଛନ୍ତି। ବାହାଘର କରୁଥିବା ପୁରୋହିତ ସୁଭାଷ ଚନ୍ଦ୍ରଙ୍କ କହିବା କଥା ସାବିତ୍ରୀଙ୍କ ବାପା ଜଗନ୍ନାଥ ହେଉଛନ୍ତି ତାଙ୍କ ଛାତ୍ର, ସେ ଗତ ବର୍ଷ ଝିଅ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେ ତାଙ୍କୁ ଝିଅଙ୍କ ବୟସକୁ ନେଇ ବାରଣ କରିଥିଲେ। ସେଥିପାଇଁ ବିବାହ ସ୍ଥଗିତ ରଖିଥିଲେ। ସୂଚନାଯୋଗ୍ୟ, ସେମିଳିଗୁଡ଼ା ବ୍ଲକ୍ ଖୁଡି ପଞ୍ଚାୟତ ମାଳିମାର୍ଲା ଗାଁରେ ପ୍ରଶାସନ ପକ୍ଷରୁ ବାଲ୍ୟବିବାହ ରୋକାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ଦାସ ଓ ପଟ୍ଟାଙ୍ଗି ଥାନା ଅଧିକାରୀ ଏହି ଗ୍ରାମରେ ବାଲ୍ୟବିବାହ ହେଉଥିବା ସୂଚନା ପାଇ ଶୁକ୍ରବାର ଏହାକୁ ଅଟକାଇଥିଲେ। କନ୍ୟାଙ୍କୁ ନାବାଳିକା ଦର୍ଶାଇ ପୁଅଙ୍କ ବାପାଙ୍କୁ ଥାନାକୁ ନେଇ ଯାଇଥିବା ସୂଚନା ମିଳିଛି। ଫଳରେ ବାହାଘର ବନ୍ଦ ହୋଇଯାଇଥିଲା। ଡିସିପିଓ ଦାସ, ଥାନା ଅଧିକାରୀ, ଚାଇଲ୍ଡଲାଇନ କର୍ମୀ, ଏନ୍‌ଜିଓ ଶୋଭା ଓ ଆଇସିଡିଏସ୍ ସୁପରଭାଇଜର ପହଞ୍ଚି ବର ରୋଶଣି ଚାଲିଥିବା ସମୟରେ ପୁଅର ବାପାଙ୍କ ସହ ନାବାଳିକାଙ୍କୁ ସେଠାରୁ ଉଠାଇନେଇଥିଲେ। ପୁଅ ବାପାଙ୍କୁ ପଟ୍ଟାଙ୍ଗି ଥାନା ସହ ଝିଅଙ୍କୁ ସିଡବ୍ଲ୍ୟୁସିଙ୍କ ନିକଟରେ ହାଜର କରିଥିଲେ। ଖୁଡି ପଞ୍ଚାୟତର ଝିଅ ରାଣୀ(ଛଦ୍ମନାମ)ର ସାର୍ଟିଫିକେଟ ଅନୁସାରେ ସାବାଳିକା ହେବାକୁ ଗୋଟିଏ ମାସ ବାକି ଥିବା ଜଣାପଡ଼ିଥିଲା।

ଏ ସମ୍ପର୍କରେ ଖୁଡ଼ି ସେକ୍ଟର ସୁପରଭାଇଜର ମଞ୍ଜୁବାଳା ନାୟକଙ୍କୁ ପଚାରିବାରୁ ଡିସିପିଓ ମ୍ୟାଡାମ ତାଙ୍କୁ ଓ ଶୋଭା ଏନ୍‌ଜିଓର ବିମଳା ପାଙ୍ଗୀଙ୍କୁ ମାଳିମାର୍ଲା ଏବଂ ବଡ଼ମାର୍ଲାର ୨ ଝିଅଙ୍କୁ ସିଡବ୍ଲ୍ୟୁସିରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ମନା କରି ଉଭୟଙ୍କୁ ପଟ୍ଟାଙ୍ଗି ଥାନାକୁ ନେଇଥିଲେ। ସେଠାରେ ମୋତେ କିଛି କହିବାକୁ ମଧ୍ୟ ସୁଯୋଗ ନ ଦେଇ ତୁରନ୍ତ ସିଡବ୍ଲ୍ୟୁସିଙ୍କ ନିକଟକୁ ନେବାକୁ କହିଥିଲେ। ପରେ ସେମିଳିଗୁଡାରେ ତାଙ୍କ ଗାଡ଼ିରେ ଝିଅମାନଙ୍କୁ ଛାଡ଼ିଥିଲେ ବୋଲି କହିଥିଲେ। ପଟ୍ଟାଙ୍ଗି ଥାନା ଅଧିକାରୀ ଚତୁର୍ଭୁଜ ନାୟକଙ୍କୁ ପଚାରିବାରୁ ମାଳିମାର୍ଲା କେସ୍ ଠିକ୍ ଥିଲା। ଆମକୁ ସହାୟତା ମାଗିଥିଲେ, ଆମେ କରିଥିଲୁ, କିନ୍ତୁ ଅନ୍ୟ ଜଣେ ଝିଅକୁ ଉଠାଇନେବା ବିଷୟ ଜଣାନାହିଁ ବୋଲି କହିଛନ୍ତି। ଏ ନେଇ ଡିସିପିଓ ରାଜଶ୍ରୀ ଦାସଙ୍କୁ ପଚାରିବାରୁ ସେ ମାଳିମାର୍ଲା ଯାଇଥିଲେ ବାଲ୍ୟବିବାହ ରୋକିବାକୁ। ବଡ଼ମାର୍ଲା ବିଷୟରେ ସେ କିଛି ଜାଣି ନାହାନ୍ତି। ଆଇସିଡିଏସ୍ ସୁପରଭାଇଜର ସେ ଝିଅର ମଧ୍ୟ ବାଲ୍ୟବିବାହ ରହିଛି ବୋଲି କହିଥିଲେ। ସେତେବେଳେ ତାଙ୍କର ପ୍ରମାଣପତ୍ର ଯାଞ୍ଚ ବିଷୟ ପଚାରିଥିଲି ସବୁ ଠିକ୍ ଅଛି କହିଥିଲେ। ଏଥିରେ ମୋର କିଛି ଭୁଲ୍ ନାହିଁ ବୋଲି ସେ କହିଛନ୍ତି।

### ସାର୍ଟିଫିକେଟ୍ ଯାଞ୍ଚରୁ ଜଣାପଡ଼ିଲା ସାବାଳିକା

# ମାମୁ-ଭଣଜା ମଧ୍ୟରେ ବଚସା,ଆକ୍ରମଣ

ଦଶମନ୍ତପୁର, ୨୨।୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପରଜାବେଡ଼ା ପଦର ପଞ୍ଚାୟତ ଅଧୀନରେ ଥିବା ସେନ୍ଧି ଗ୍ରାମର ହରିଜନ ସାହିରେ ବଚସାରୁ ମାମୁଭଣଜାଙ୍କ ମଧ୍ୟରେ ମରଣାତ୍ମକ ଆକ୍ରମଣ ହୋଇଛି। ଏ ନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଗ୍ରାମରେ ଚାଲିଥିବା ଏକ ଭୋଜିରେ ଗୁପ୍ତ ତୁରୁକ(୫୫) ଓ ଇନ୍ଦ୍ର ଟାକ୍ରୀ(୩୨)ଙ୍କ ମଧ୍ୟରେ ୨ ବର୍ଷ ପୁରୁଣା ଘଟଣାକୁ ନେଇ ବଚସା ହୋଇଥିଲା। କିନ୍ତୁ ମାମୁ ଗୁପ୍ତ ଏକ ଟାଙ୍ଗିଆରେ ଭଣଜା ଇନ୍ଦ୍ରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏ ନେଇ ଇନ୍ଦ୍ରଙ୍କ ଭାଇ ଚନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ଗୁପ୍ତ ଘଟଣାକୁ ନେଇ ଥାନାକୁ ଯାଉଥିବା ବେଳେ ୨ ଭଣଜା ତାଙ୍କୁ ଅଧ ବାଟରେ ଅଟକାଇ ଧାରୁଆ ଅସ୍ତ୍ରରେ ମୁଣ୍ଡ, ଗୋଡ଼ ଓ ୨ହାତକୁ ଆକ୍ରମଣ କରିଥିଲେ। ଗୁପ୍ତଙ୍କୁ ଗୁରୁତର ଅବସ୍ଥାରେ ସ୍ତ୍ରୀ ଓ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଏ ନେଇ ଉଭୟ ମାମୁ ଓ ଭଣଜାଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି। ମାମୁ ଓ ଭଣଜାଙ୍କ ମଧ୍ୟରେ ପୂର୍ବରୁ ଅନେକଥର ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି।

# ବ୍ଲକ୍‌ସ୍ତରୀୟ ତାଲିମ କାର୍ଯ୍ୟକ୍ରମ



ଶିବିରରେ ଉପସ୍ଥିତ ବ୍ଲକ୍ ଅଧିକାରୀ, ତାଲିମଦାତା ଓ ଅନ୍ୟମାନେ।

ଜୟପୁର,୨୨।୨(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ସଭାଗୃହରେ ବ୍ଲକ୍‌ସ୍ତରୀୟ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘସ୍ଥାୟୀ ବିକାଶ ସ୍ଥାନୀୟକରଣ ପରିପ୍ରେକ୍ଷୀରେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଞ୍ଚାୟତ ନେଇ ତାଲିମ ଦିଆଯାଇଛି। ଏଥିରେ ରିସର୍ଚ୍ଚ ପର୍ସନ ରଶ୍ମିଶ୍ରୀ ପ୍ରଧାନ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ତିଳୋତ୍ତମା ମୁଦୁଲି, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ଏଡିଇଓ, ଅଙ୍ଗନୱାଡି କର୍ମୀ, ସିଆର୍‌ପି, ୱାର୍ଡମେମ୍ବର ଓ ସମିତି ସଭ୍ୟା ତାଲିମ ନେଇଥିଲେ। ବ୍ଲକ୍‌ର ବିପିସି ମଧୁ ସିଂ ସହଯୋଗ କରିଥିଲେ। ଜଳ ବ୍ୟବହାରର ଗୁରୁତ୍ୱ, ଜଳ ପ୍ରାଚୁର୍ଯ୍ୟ ଏବଂ ଚାହିଦା, ଜଳବାୟୁ ପରିବର୍ତ୍ତନ ଓ ପରିଚାଳନା, ଭୂତଳ ଜଳର ସଂରକ୍ଷଣ, ବର୍ଷାଜଳର ଅମଳ, ଜଳାଶୟର ପରିଚାଳନା ଓ ଜଳସେଚନର ବହୁଳ ବ୍ୟବହାର ନେଇ ତାଲିମ ଦିଆଯାଇଥିଲା। ଗୋଷ୍ଠୀଗତ ଜଳ ଯୋଗାଣ ସମ୍ପାଦନା, ବସୁଧା ଯୋଜନାର ପ୍ରଣୟନ, ଜଳ ଯୋଗାଣ ଯୋଜନାର କାର୍ଯ୍ୟକାରିତା ଓ ଜଳର ଗୁଣବତ୍ତା ପରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ମହାଶିବରାତ୍ରି ନେଇ କୋରାପୁଟ ଗୁପ୍ତେଶ୍ୱରରେ ପ୍ରସ୍ତୁତି

କୋରାପୁଟ,୨୨।୨(ଅମିତାଭ ବେହେରା)



ଗୁପ୍ତେଶ୍ୱର ମନ୍ଦିର।

ମହାଶିବରାତ୍ରି ନିମନ୍ତେ କୋରାପୁଟ ଜିଲାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ମନ୍ଦିରରେ ପ୍ରସ୍ତୁତି ଚାଲିଛି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥା ଦ୍ୱାରା ପତିତପାବନ ମନ୍ଦିରରେ ସଫେଇ କାର୍ଯ୍ୟ ସହ ନୂତନ ରଙ୍ଗ ଦିଆଯାଇଛି। ମହାଶିବରାତ୍ରି ନେଇ ପ୍ରସ୍ତୁତି ସମୀକ୍ଷା କରାଯାଇଥିବା କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ କହିଛନ୍ତି। ଏହି ଗୁମ୍ଫା ଭିତର ଶୈବପୀଠରେ ପ୍ରତିବର୍ଷ ମହାଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ସୋମବାରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶିବରାତ୍ରିର ମଧ୍ୟରାତ୍ରରେ ଗୁପ୍ତେଶ୍ୱର ପୀଠକୁ କୋରାପୁଟରୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ପଟୁଆରରେ ଅଣାଯାଇ ହରିହର ଭେଟ କରାଯାଏ। ଭକ୍ତଙ୍କ ଅନୁରୋଧକ୍ରମେ ମନ୍ଦିର ପାଦଦେଶରେ ପତିତପାବନ ମନ୍ଦିର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାଦ୍ୱାରା ମହାଶିବରାତ୍ରି ଅବସରରେ ହରିହର ଭେଟ ହୋଇଥାଏ ବୋଲି ଜଗନ୍ନାଥ ମନ୍ଦିର ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ କହିଛନ୍ତି। ମହାଶିବରାତ୍ରିରେ ଆଦିବାସୀ ଜନଜାତି ଲୋକେ ଝୁଣା, ପାଲୁଅ, ହରିଡ଼ା, ବାହାଡ଼ା, ଅଁଳା ଓ ବିଭିନ୍ନ ଔଷଧୀୟ କନ୍ଦା, ଚେରମୂଳ ପୂର୍ବରୁ ସଂଗ୍ରହକରି ବିକ୍ରି କରିଥାନ୍ତି। ଯାତ୍ରା ସମୟରେ ଯାତ୍ରାର କାର୍ଯ୍ୟ ସମ୍ପାଦନ ପାଇଁ ଦୁରୁଆ ଆଦିବାସୀ ଯୁବକ ଆଗେଇ ଆସିଛନ୍ତି। ଯୁବକମାନେ ମନ୍ଦିରର ପ୍ରବେଶ ଦ୍ୱାରଠାରୁ ଆରମ୍ଭ କରି ୨ କି.ମି ଦୂରରେ ଥିବା ପାର୍କିଂ ସ୍ଥାନ ପର୍ଯ୍ୟନ୍ତ ଦାୟିତ୍ୱ ବାଣ୍ଟି ନେଇଥାନ୍ତି। ଗୁପ୍ତେଶ୍ୱର ଗୁମ୍ଫାକୁ ଘେରି ରହିଥିବା ୩୫୦ ହେକ୍ଟର ଜଙ୍ଗଲକୁ ରାଜ୍ୟ ସରକାର ଜୈବବିବିଧତା ଐତିହ୍ୟ କେନ୍ଦ୍ର ଭାବେ ମାନ୍ୟତା ଦେଇଛନ୍ତି। ଜିଲାର ପରିବେଶବିତ୍ ପାହାଡ଼ ପର୍ବତର ଜୈବବିବିଧତାକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ବିକାଶର ଧାରା ପ୍ରବର୍ତ୍ତନ ହେବା ଆବଶ୍ୟକ ବୋଲି କହିଛନ୍ତି। ଶିବରାତ୍ରି ପାଇଁ ପ୍ରସ୍ତୁତି ଜାରି ରହିଥିବା ଜିଲାପାଳ ଭାସନ ସୂଚନା ଦେଇଛନ୍ତି। ଭକ୍ତଙ୍କ ସୁରକ୍ଷା ନେଇ ବୈଠକରେ ସମସ୍ତ ପ୍ରକାର ଆଲୋଚନା ହୋଇଛି।

# ବ୍ଲକ୍‌ସ୍ତରୀୟ ପୋଷଣ ଜୀବନଶୈଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ

କୁନ୍ଦୁରା, ୨୨।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରାରେ ବ୍ଲକ୍‌ସ୍ତରୀୟ ପୋଷଣ ଜୀବନ ଶୈଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କେନ୍ଦ୍ର ତଥା ଓଡ଼ିଶା ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ଡ଼ଙ୍ଗର ପାଉଁଶି ପଞ୍ଚାୟତ ପ୍ରଧାନୀ ପୁଟ ସେବାଶ୍ରମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆରାଣୀ ଡ. ରାଇମତି ଘିଉରିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ୍‌ର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରୁ ୪୯ ପ୍ରଦର୍ଶନୀ ସ୍ଥାନ ପାଇଥିଲା। ଉଦଯାପନୀରେ ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପାପାୟା ବେହେରା, ପ୍ରଧାନୀ ପୁଟ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବନମାଳୀ ଦାଶ, ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ସେଠୀ, ଉଚ୍ଚ ବିଦ୍ୟାଳୟ ଲାଛନା ଗୁଡାର ପ୍ରଧାନ ଶିକ୍ଷକ ସରୋଜ ପାଢ଼ୀ, କୁନ୍ଦୁରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରାକେଶ ଚନ୍ଦ୍ର ଗୁରୁ ଓ ବରିଷ୍ଠ ଶିକ୍ଷକ ଗାଣ୍ଡିଆ ଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ବେହେରା ଯୋଗ ଦେଇଥିଲେ। ଏଥିରେ ପ୍ରୀୟାଂଶି ନାୟକ ପୋଷଣୀୟ ଖାଦ୍ୟ ଅଭ୍ୟାସ କୁନ୍ଦୁରା ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନର ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସଙ୍ଗିତା ହରିଜନ ବର୍ଜ୍ୟବସ୍ତୁ ପରିଚାଳନାରେ ଦ୍ୱିତୀୟ ଓ କାଉଡିଆଗୁଡ଼ା ବିକାନ୍ତି ସାନ୍ତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜଳ ସଂରକ୍ଷଣର ପ୍ରଦର୍ଶନୀରେ ତୃତୀୟ ହୋଇଥିଲେ। ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ପାଳ, ବି. ନଳିନୀ କୁମାର ଓ ଗୌରୀ ଶଙ୍କର ସାମନ୍ତରାୟ ବିଚାରକ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଅରବିନ୍ଦ ବାରିକ ସଂଯୋଜନା କରିଥିଲେ। ସିଆରସିସି ବିନାୟକ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜୟନ୍ତୀ

ଦାମନଯୋଡ଼ି,୨୨।୨(ମାନସ ରଞ୍ଜନ କର)

ଦାମନଯୋଡିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଶ୍ରୀମାଙ୍କ ପତାକା ଉତ୍ତୋଳନ,ସମାଧି ପୀଠରେ ସାମୂହିକ ଧ୍ୟାନ,ଫୁଲ ଓ ଫଟୋ ପ୍ରଦର୍ଶନୀ ଆଦି କରାଯାଇଥିଲା। ଶ୍ରୀମାଙ୍କ ପଥ,ଧର୍ମ ଓ ଆଧ୍ୟାତ୍ମିକତା ଉପରେ ଏକ ପାଠଚକ୍ର ସନ୍ଧ୍ୟାରେ ଆୟୋଜିତ ହୋଇଥିଲା। ଶିକ୍ଷାକେନ୍ଦ୍ର ଅଧକ୍ଷ ରଞ୍ଜନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ କୋରାପୁଟରୁ ଶିକ୍ଷାବିତ୍ ହରିହର ସାହୁ ଯୋଗ ଦେଇଥିଲେ। ଶ୍ରୀମାଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାକେନ୍ଦ୍ର ପରିଚାଳନା ସମିତି ସଭାପତି ବୁଲୁଚରଣ ଦାସ, ପ୍ରଦ୍ୟୁମ୍ନ କୁମାର ପରିଡ଼ା,ଶେଫାଳୀ ପଟ୍ଟନାୟକ ଓ ଅଶୋକ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଟ୍ରାକ୍ଟର ଚକାତଳେ ଚାପିହୋଇ ଯୁବକ ମୃତ

ଡାବୁଗାଁ, ୨୨।୨(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମୁଦିଗୁଡ଼ା ଗ୍ରାମ ନିକଟରେ ଶନିବାର ପୂର୍ବାହ୍ନରେ ଟ୍ରାକ୍ଟର ଚକାତଳେ ଚାପିହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝରିଗାଁ ବ୍ଲକ୍ ଅଧୀନ ବଡ଼ନୀ ଗ୍ରାମର ଜଗବନ୍ଧୁ ଗୌଡ଼(୪୦)।

ଜଗବନ୍ଧୁ ଗ୍ରାମର ଅନ୍ୟ ୨ ଜଣଙ୍କ ସହ ଏକ ମୋଟରସାଇକେଲ ଯୋଗେ ପାପଡ଼ାହାଣ୍ଡି ବ୍ଲକ୍ ଅଧୀନ ପ୍ରଧାନୀଗୁଡ଼ା ଗ୍ରାମକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିଲେ। ମୁଦିଗୁଡ଼ା ଗ୍ରାମ ପୂର୍ବରୁ ଜଗବନ୍ଧୁ ରାସ୍ତାର ଏକ ସ୍ଥାନରେ ବାଇକ୍ ରଖି କିଛିଦୂରରେ ପରିସ୍ରା କରୁଥିଲେ। ସେହି ସମୟରେ ଏକ ବାଲିବୋଝେଇ ଟ୍ରାକ୍ଟର (ଓଡି-୨୪ଏଫ୍-୩୮୧୦) ଜଗବନ୍ଧୁଙ୍କୁ ଧକ୍କା ଦେଇଥିଲା। ଟ୍ରାକ୍ଟର ପଛ ଚକା ତଳେ ଜଗବନ୍ଧୁ ଚାପିହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବରପାଇ ଡାବୁଗାଁ ଭାରପ୍ରାପ୍ତ ଥାନାଧିକାରୀ ବିଜୁରାମ ବାଗ, ସବ୍‌ଇନ୍ସପେକ୍ଟର ଚନ୍ଦନ ସାହୁ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଜବତକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ଖବର ପାଇ ମୃତକଙ୍କ ପରିବାର ଲୋକେ ଡାବୁଗାଁରେ ପହଞ୍ଚିଥିଲେ। ଏନେଇ ମୃତକଙ୍କ ସାନଭାଇ ଅନନ୍ତରାମ ଅପରାହ୍ନ ୩ଟାରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନା ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ମେଡିକାଲରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଟ୍ରାକ୍ଟର ଚାଳକ ଦୁର୍ଘଟଣାସ୍ଥଳରୁ ଫେରାର ଅଛନ୍ତି। ପୋଲିସ ଟ୍ରାକ୍ଟର ଜବତକରି ଥାନାକୁ ଆଣିଛି। ପରେ କେସ୍ ନଂ.୨୯/୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ବୋରିଗୁମ୍ମାରେ ଯୋଗଦେଲେ ନୂତନ ଏସ୍‌ଡିପିଓ

ବୋରିଗୁମ୍ମା, ୨୨।୨(ବିଜୟ ସାହୁ)

ବୋରିଗୁମ୍ମାରେ ନୂତନ ଏସ୍‌ଡିପିଓ ଭାବେ ସତ୍ୟବ୍ରତ ଲେଙ୍କା ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ଯାଜପୁର ଏସ୍‌ଡିପିଓ ଥିଲେ। ବୋରିଗୁମ୍ମା ପ୍ରେସ୍ କ୍ଲବ୍ ସଭାପତି ବିଜୟ ନାରାୟଣ ସାହୁଙ୍କ ନେତୃତ୍ୱରେ ନୂତନ ଏସ୍‌ଡିପିଓଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ଥାନା ଅଞ୍ଚଳରେ ଚୋରି ସହ ଅପହରଣ ହେଉଥିବା ନେଇ ପ୍ରେସ୍ କ୍ଲବ୍ ସଭ୍ୟମାନେ ଏସ୍‌ଡିପିଓଙ୍କୁ ଅବଗତ କରାଇଥିଲେ। ପ୍ରେସ୍ କ୍ଲବ୍ ସଭ୍ୟ କେ. ସାକିଲି ଦୋରା, ଏନ୍.ପିମ୍ପସ କୁମାର, ରଞ୍ଜନ କୁମାର ମିଶ୍ର, ସୁଶୀଳ ଷଡ଼ଙ୍ଗୀ, ଦୟାନିଧି ପଟ୍ଟନାୟକ, ଶଙ୍କର ମହାନ୍ତି, ମାନସ ହୋତା, ମାନସ ରଥ ଓ ରିଙ୍କୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ କାର୍ଯ୍ୟରତ ଏସ୍‌ଡିପିଓ ତପସ୍ୱିନୀ କହଁରଙ୍କୁ ବାଲେଶ୍ୱର ଜିଲାକୁ ବଦଳି କରାଯାଇଛି।



ନୂତନ ଏସ୍‌ଡିପିଓଙ୍କୁ ପ୍ରେସ୍ କ୍ଲବ ପକ୍ଷରୁ ସ୍ୱାଗତ କରାଯାଉଛି ।

# ହତ୍ୟା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଉମରକୋଟ, ୨୨।୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲାର ଉମରକୋଟ ଥାନା ଅଧୀନ ତେଲନଦୀ ପଞ୍ଚାୟତ ନଙ୍ଗଲଶିଲ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଗୁଣି କରୁଥିବା ସନ୍ଦେହରେ ବାର୍ଷ ସାନ୍ତାଙ୍କୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତଙ୍କୁ ମନ୍ଦ ସାନ୍ତାଙ୍କୁ ଉମରକୋଟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ବାର୍ଷ ମୋ ପୁଅକୁ ଗୁଣି କରି ମାରିଥିଲେ। ତେଣୁ ମୁଁ ତାଙ୍କୁ ହତ୍ୟା କରିଛି ବୋଲି ମନ୍ଦ ସ୍ୱୀକାର କରିଥିଲେ।

ମୃତ ମହିଳାଙ୍କ ସ୍ୱାମୀ ପଲାଦୁଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ମନ୍ଦ ପୁଅଙ୍କ ମୃତ୍ୟୁ ହୋଇଥିଲା। ବାର୍ଷ ସେଠାକୁ ଯାଇ କାନ୍ଦୁଥିବାବେଳେ ସେ ହିଁ ଗୁଣି କରି ପୁଅକୁ ମାରିଥିବା କହି ମନ୍ଦ ତାଙ୍କ ବେକକୁ ଟାଙ୍ଗିଆରେ ୨ ଚୋଟ ଦେଇଥିଲେ। ଘଟଣାସ୍ଥଳରେ ବାର୍ଷଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ମନ୍ଦଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମନ୍ଦଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ମୃତ ମହିଳାଙ୍କ ମୃତଦେହ ଉମରକୋଟ ହସ୍ପିଟାଲକୁ ଅଣାଯାଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ପ୍ରମାଣ ଜବତ କରିଛି। ଅଭିଯୁକ୍ତ ଦୋଷ ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଜାମିନ ନାମଞ୍ଜୁର ପରେ ମନ୍ଦଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଉମରକୋଟ ଥାନାରେ କେସ ନମ୍ବର ୬୦/୨୫ରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଶିବଜି ପଣ୍ଡା ଘଟଣାର ତଦନ୍ତ କରୁଛନ୍ତି।



ପୋଲିସ ସହ ଗିରଫ ଅଭିଯୁକ୍ତ।

### ଗୁଣି ଗାରେଡ଼ି ସନ୍ଦେହରେ ମହିଳାଙ୍କୁ ଟାଙ୍ଗିଆରେ ପିଟି ହତ୍ୟା ମାମଲା

# ପଥପ୍ରାନ୍ତ ନାଟକରେ ଏଚ୍‌ଆଇଭି ଏଡ୍‌ସ ସଚେତନତା

ନବରଙ୍ଗପୁର,୨୨।୨(ସଦାଶିବ ପ୍ରହରାଜ)



କଳାକାରମାନେ ସଚେତନ କରାଉଛନ୍ତି।

ନବରଙ୍ଗପୁର ଏଫ୍‌ସିଆଇ ତଥା ତୋଟାସାହିରେ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ପଣ୍ଡା ପଥପ୍ରାନ୍ତ ନାଟକର ଶୁଭାରମ୍ଭ କରିଛନ୍ତି। ଭାରତ ସରକାରଙ୍କ ସଙ୍ଗୀତ ଓ ନାଟକ ବିଭାଗ ଦ୍ୱାରା ମନୋନୀତ ନାଟକଗୁଡ଼ିକ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ସହାୟତାରେ ପ୍ରଦର୍ଶିତ କରାଯାଉଛି। ୩ଟି ନାଟ୍ୟଦଳ ସଚେତନ କରୁଛନ୍ତି। ସ୍ୱାଗତ ସେବା ସଂଘ, କୁମ୍ଭାରୀ, ସୁରସଙ୍ଗମ୍ ସାଂସ୍କୃତିକ ଅନୁଷ୍ଠାନ, ଲୁଇସିଙ୍ଘା, ନାଟ୍ୟଦୀପ, (ଗୋପ) ପୁରୀର କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ, ଲୋକଗୀତ, ଲୋକନାଟକ ମାଧ୍ୟମରେ ଲୋକଙ୍କୁ ଏଚ୍‌ଆଇଭି ଓ ଏଡ୍‌ସର ନିୟନ୍ତ୍ରଣ ଏବଂ ପ୍ରତିକାର ସମ୍ପର୍କରେ ସଚେତନ କରାଯାଉଛି। ଜିଲାର ୧୦୦ଟି ଗ୍ରାମକୁ ମନୋନୀତ କରାଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଡା. ସୁକାନ୍ତ ଚନ୍ଦ୍ର ଶତପଥୀ, ଜିଲା ଏଡ୍‌ସ ନିୟନ୍ତ୍ରଣ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ (ଟି.ବି), ନବରଙ୍ଗପୁରଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମକୁ ଆଗେଇ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖର ପଟ୍ଟନାୟକ ଜିଲା କ୍ଲଷ୍ଟର ପରିଚାଳକ (ଦିଶା), ସୁଶାନ୍ତ କୁମାର ନାୟକ ଡେପୁଟି ମ୍ୟାନେଜର (ଆରସିଏଚ୍), ଦୁର୍ଗାଚରଣ ମହାନ୍ତି, ହରେକୃଷ୍ଣ ସାବତ, ଟି.ଆଇ. ପ୍ରୋଜେକ୍ଟ ଡାଇରେକ୍ଟର, ଫାର୍ମାସିଷ୍ଟ ବିଭୁପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

